କର୍ଣ୍ଣେଲ ସିଂହ

ବନାମ

ଅନିଲ କୁମାର ଏବଂ ଅନ୍ୟଜଣେ

ଜାନୁଆରୀ 10,1995

[କେ. ରାମାସ୍ୱାମୀ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

*ପଞ୍ଜାବ ଅଗ୍ରକ୍ରୟ ଅଧିକାର ଅଧିନିୟମ, 1913 - ଧାରା 15 (1)(b)ର ଖଣ୍ଡ (iv)- ଅଗ୍ରକ୍ରୟ- ଭଉଣୀ ମିଳିତ ପରିବାର ସମ୍ପତ୍ତିରୁ ତାଙ୍କ ଅଂଶ ବିକ୍ରି କରିଦେଲେ- ଭାଇଙ୍କୁ "ଅନ୍ୟ ସହ-ଅଂଶୀଦାର" ଭାବରେ ଅଗ୍ରକ୍ରୟ ପାଇଁ ଅଧିକାର ଦିଆଯାଇଛି ।*

**ଉତ୍ତରଦାତାଙ୍କ ଭଉଣୀ ଜାନୁଆରୀ 22,1985ତାରିଖର ପଞ୍ଜିକୃତ ବିକ୍ରୟ ଦଲିଲ ଦ୍ୱାରା ମିଳିତ ସମ୍ପତ୍ତିରୁ ତାଙ୍କର ଅଂଶ ଆବେଦନକାରୀଙ୍କୁ ବିକ୍ରି କରିଥିଲେ । "ଉତ୍ତରଦାତା ପଞ୍ଜାବ ଅଗ୍ରକ୍ରୟ ଅଧିକାର ଅଧିନିୟମ , 1913 ର ଅଧିନିୟମ 15 (1) (b) ର ଖଣ୍ଡ (ii) ଅନୁଯାୟୀ ଅଗ୍ରକ୍ରୟ ପାଇଁ ମକଦ୍ଦମା ଦାୟର କରିଥିଲେ । ବିଚାରଣ ନ୍ୟାୟାଳୟ ଏହି ମକଦ୍ଦମାକୁ ଡିକ୍ରି ଦେଇଛନ୍ତି । ଆବେଦନ ଏବଂ ଦ୍ୱିତୀୟ ଆବେଦନକୁ ଖାରଜ କରାଯାଇଥିଲା ।**

**ଏହି ନ୍ୟାୟାଳୟ ବିଭିନ୍ନ କାରଣରୁ ଆବେଦନକୁ ଖାରଜ କରି,**

**ନିର୍ଣ୍ଣୟ ହେଲା :1.1. ଉତ୍ତରଦାତା ଅଗ୍ରକ୍ରୟ ଦାବି କରିବାକୁ ହକଦାର ଥିଲେ କାରଣ ସେ ତାଙ୍କ ଭଉଣୀଙ୍କ ଦ୍ୱାରା ସମ୍ପାଦିତ ବିକ୍ରୟ କାରବାରର ଏକ ପକ୍ଷ ନଥିଲେ ଏବଂ ସେ ପଞ୍ଜାବ ଅଗ୍ରକ୍ରୟ ଅଧିକାର ଅଧିନିୟମ, 1913 ର 15 (1) (b) (ଚତୁର୍ଥ ଭାଗ ) ରେ ପରିକଳ୍ପିତ "ଅନ୍ୟ ସହ-ଅଂଶୀଦାର" ଥିଲେ । [166- B]**

**1.2.1980 ମସିହାରେ ସଂଶୋଧିତ ଧାରା 15 ( 1) ( b) ର ଖଣ୍ଡ (i) ରୁ (iii)ଗୁଡ଼ିକୁ ସମ୍ବିଧାନର ଅନୁଚ୍ଛେଦ 14 ଏବଂ 15 କ୍ଷମତା ପରିସର ବାହାରେ ଘୋଷଣା କରାଯାଇଥିଲା, କିନ୍ତୁ 15 ( 1) ( b) (iv) ର ବୈଧତାକୁ ବଜାୟ ରଖାଯାଇଥିବାରୁ ଏହା ଧାରା 15 ( 1) ( b) ( i) ରୁ (iii) ପର୍ଯ୍ୟନ୍ତ ଯେଉଁମାନେ ଅଗ୍ରକ୍ରୟ ଅଧିକାରର "ସହ-ଅଂଶୀଦାର" ଅଟନ୍ତି, ସେହି ସମ୍ପର୍କକୁ ଯଥାର୍ଥ କରିଥିଲା । [167- B- D]**

*ଆମ୍ର ପ୍ରକାଶ ବନାମ ହରିୟାଣା ରାଜ୍ୟ, [1986]* **2 SCC 249 ଏବଂ** *ଭିଖା ରାମ ବନାମ ରାମ ସରୂପ, [1992]* 1 **SCC 319 ଉପରେ ନିର୍ଭରଶୀଳ କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1569/1986 ।

R.S.A ସଂଖ୍ୟା 3126/1984ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 22.1.85 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ କେ. କେ. ମୋହନ ।

ଉତ୍ତରଦାତାଙ୍କ ପକ୍ଷରୁ ଡି. ଭି. ସେହଗଲ ଏବଂ ପ୍ରେମ ମାଲହୋତ୍ରା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

RSA ସଂଖ୍ୟା 3126/84ରେ 22 ଜାନୁଆରୀ, 1985 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ରାୟରୁ ଉତ୍ପନ୍ନ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ । ବିବାଦରେ ନଥିବା ତଥ୍ୟ ହେଉଛି ଯେ ଅନିଲ କୁମାର ଏବଂ ଆବେଦନକାରୀଙ୍କ ବିକ୍ରେତା ନୀରୁ ଭାଇ ଏବଂ ଭଉଣୀ ଅଟନ୍ତି । ନୀରୁ ଏକ ପଞ୍ଜୀକୃତ ବିକ୍ରୟ ଦଲିଲ ଦ୍ୱାରା ଆବେଦନକାରୀଙ୍କୁ ବିବାଦରେ ଥିବା ସମ୍ପତ୍ତି ବିକ୍ରି କରିଥିଲେ । ଅନିଲ କୁମାର ପଞ୍ଜାବ ଅଗ୍ରକ୍ରୟ ଅଧିକାର ଅଧିନିୟମ, 1913,( ସଂକ୍ଷେପରେ, "ଅଧିନିୟମ") ର ଖଣ୍ଡର ଦ୍ୱିତୀୟ ଭାଗର ଧାରା 15 (1 ) (b) ଅନୁଯାୟୀ ଅଗ୍ରକ୍ରୟ ପାଇଁ ମାମଲା ରୁଜୁ କରିଥିଲେ । ବିଚାରଣ ନ୍ୟାୟଳୟ ଏହି ମକଦ୍ଦମାରେ ଡିକ୍ରି ଦେଇଛନ୍ତି ଏବଂ ଏହା ଅପିଲୀୟ ଅଦାଲତ ଦ୍ୱାରା ନିଶ୍ଚିତ କରାଯାଇଛି । ଦ୍ୱିତୀୟ ଆବେଦନକୁ ସୀମିତ ପରିସର ମଧ୍ୟରେ ଖାରଜ କରିଦିଆଯାଇଥିଲା । ସେତେବେଳକୁ, ଏହି ନ୍ୟାୟାଳୟ *ଆମ୍ର ପ୍ରକାଶ ବନାମ ହରିୟାଣା ରାଜ୍ୟ,* [1986] 2 C SCC 249 ମାମଲାରେ, 1960 ମସିହାରେ ସଂଶୋଧିତ ଅଧିନିୟମର ଧାରା 15 (1) (b) ର ଖଣ୍ଡ(1) ର ଖଣ୍ଡ (i) ରୁ (iii) ପର୍ଯ୍ୟନ୍ତ ସମ୍ବିଧାନର ଅନୁଚ୍ଛେଦ 14 ଏବଂ 15 କ୍ଷମତା ପରିସର ବାହାରେ ବୋଲି ଘୋଷଣା କରିଥିଲେ । ଫଳସ୍ୱରୂପ, ଧାରା 15 (1) (a) ର ଖଣ୍ଡର ଦ୍ୱିତୀୟ ଭାଗ ଆଧାରରେ ଉତ୍ତରଦାତାଙ୍କ ଦାବିକୁ କ୍ଷମତା ପରିସର ବାହାରେ ବୋଲି ଘୋଷଣା କରାଯିବା ପରେ, ଏହି ନ୍ୟାୟାଳୟ ଅନୁମତି ପ୍ରଦାନ କରିଥିଲେ ।

*ଆତ୍ମ ପ୍ରକାଶଙ୍କ ମାମଲାରେ,* ଏହି ନ୍ୟାୟାଳୟ ଖଣ୍ଡର ଚତୁର୍ଥଭାଗର ସାମ୍ବିଧାନିକ ବୈଧତାକୁ ସମର୍ଥନ କରିଥିଲେ, ଯାହା "ଅନ୍ୟ ସହ-ଅଂଶୀଦାର" ଙ୍କ ଦ୍ୱାରା ଅଗ୍ରକ୍ରୟର ଅଧିକାରକୁ ପ୍ରତିପାଦିତ କରେ । ପରବର୍ତ୍ତୀ ସମୟରେ, ଧାରା 15 (1) ର ଧାରା (i) ରୁ (iii) ପର୍ଯ୍ୟନ୍ତ ମଧ୍ୟରେ ଥିବା ସମ୍ପର୍କଗୁଡ଼ିକ ଖଣ୍ଡ ଚତୁର୍ଥ ଭାଗ ଅନୁଯାୟୀ ସହ-ଅଂଶୀଦାର କି ଏବଂ ସେମାନେ ଅଗ୍ରକ୍ରୟ ର ଲାଭ ପାଇଁ ହକଦାର କି ,ସେ ବିଷୟରେ ପ୍ରଶ୍ନଗୁଡ଼ିକୁ ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠକୁ ପଠାଯାଇଥିଲା । *ଭିଖା ରାମ ବନାମ ରାମ ସରୂପ,* [1992] 1 SCC 319 ମାମଲାରେ, ଏହି ନ୍ୟାୟାଳୟ ଏହି ବିବାଦ ଉପରେ ବିଚାର କରିଥିଲେ ଏବଂ ରାୟ ଦେଇଥିଲେ ଯେ 1960 ମସିହାରେ ହୋଇଥିବା ସଂଶୋଧନ ପରେ ଧାରା 15 ରେ ବ୍ୟବସ୍ଥା କରାଯାଇଥିଲା ଯେ ଯେଉଁଠାରେ ବିକ୍ରୟ ମିଳିତ ସମ୍ପତ୍ତିରୁ ଏକ ଅଂଶର ଅଟେ ଏବଂ ମିଳିତ ଭାବରେ ସହ-ଅଂଶୀଦାରଙ୍କ ଦ୍ୱାରା ନୁହେଁ, ଅଗ୍ରକ୍ରୟର ଅଧିକାର ଚତୁର୍ଥରେ "ଅନ୍ୟ ସହ-ଅଂଶୀଦାର" ଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ଏହା ମଧ୍ୟ କୁହାଯାଇଥିଲା ଯେ *ଆତ୍ମ ପ୍ରକାଶଙ୍କ* ମାମଲାରେ ଏହି ଅଦାଲତ କୌଣସି ନିର୍ଦ୍ଦିଷ୍ଟ ସହ-ଅଂଶୀଦାରକୁ ଅଧିନିୟମର ଧାରା 15 (1) (b)ର ଖଣ୍ଡର ଚତୁର୍ଥ ଭାଗ ପରିସରରୁ ବାଦ ଦେବାକୁ ଚାହୁଁନଥିଲେ । ଏହା ଏହିପରି ଶେଷ ହୋଇଥିଲା :-

> "ଆମକୁ ଏହା ନିର୍ଣ୍ଣୟ କଷ୍ଟକର ଲାଗୁଛି ଯେ *ଆତ୍ମ ପ୍ରକାଶ* ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତିର ତାତ୍ପର୍ଯ୍ୟ ହେଉଛି ବିକ୍ରେତା କିମ୍ବା ବିକ୍ରେତାଙ୍କ ସମ୍ପର୍କୀୟ କିମ୍ବା ସମ୍ପର୍କୀୟଙ୍କୁ ଅଗ୍ରକ୍ରୟର ଅଧିକାରକୁ ପ୍ରତ୍ୟାଖ୍ୟାନ କରିବା, ଯେଉଁମାନେ ଧାରା 15 (1) (b) ର ପୂର୍ବ ପ୍ରଥମ ତିନୋଟି ଖଣ୍ଡଗୁଡ଼ିକରେ ନିର୍ଦ୍ଦିଷ୍ଟ ହୋଇଥିଲେ ମଧ୍ୟ ସେମାନେ ସହ-ଅଂଶୀଦାର ହୋଇଥାନ୍ତି । ଉକ୍ତ ବ୍ୟବସ୍ଥାର ଚତୁର୍ଥ ଖଣ୍ଡ 'ଅନ୍ୟ ସହ-ଅଂଶୀଦାର' ଶବ୍ଦଟି ବ୍ୟବହାର କରାଯାଇଥିଲା, ଯାହା ଦ୍ୱାରା ନିଶ୍ଚିତ କରାଯାଇଥିଲା ଯେ କୌଣସି ସହ-ଅଂଶୀଦାର ବଞ୍ଚିତ ହୋଇନାହାନ୍ତି କିମ୍ବା ବାଦ ପଡ଼ିନାହାଁନ୍ତି ଏବଂ ଜ୍ଞାତି ଲୋକଙ୍କ ଅଧିକାରକୁ ପ୍ରତ୍ୟାଖ୍ୟାନ ନକରିବା ପାଇଁ ଅଗ୍ରାଧିକାର କ୍ରମରେ ଅଧିକାର ପ୍ରୟୋଗ କରିଥାନ୍ତେ, ଯାହା ପାଇଁ କୌଣସି ଯଥାର୍ଥତା ମିଳିଲା ନାହିଁ । ଧାରା 15 (1) (b) ର ପ୍ରଥମ ତିନୋଟି ଖଣ୍ଡଗୁଡିକରେ ଥିବା ସମ୍ପର୍କଗୁଡ଼ିକ ସହ-ଅଂଶୀଦାର ହୋଇପାରନ୍ତି କିମ୍ବା ନ ହୋଇପାରନ୍ତି । ଖଣ୍ଡର ଚତୁର୍ଥ ଭାଗରେ 'ଅନ୍ୟ' ଅଭିବ୍ୟକ୍ତିର ବ୍ୟବହାର ସେମାନଙ୍କର ସହଅଂଶୀଦାର ହେବାର ସମ୍ଭାବନାକୁ ମଧ୍ୟ ସୂଚିତ କରେ । ଏହି ନ୍ୟାୟାଳୟ ଅନୁଚ୍ଛେଦ 14 ଏବଂ 15 ପାଇଁ ଯାହାକୁ ଆପତ୍ତିଜନକ ଭାବରେ ଅସ୍ୱୀକାର କରିଛନ୍ତି ତାହା ହେଉଛି ସହ-ମାଲିକାନା

ଉପରେ ନୁହେଁ ବରଂ ରକ୍ତ ସମ୍ବନ୍ଧ ଉପରେ ଆଧାରିତ ବର୍ଗୀକରଣ ଅଟେ । ସହ-ଅଂଶୀଦାରମାନଙ୍କୁ ଅଗ୍ରକ୍ରୟର ଅଧିକାର ସମ୍ବିଧାନର କ୍ଷମତା ପରିସର ବାହାରେ ବୋଲି ନିର୍ଣ୍ଣୟ ହୁଏ । ତେଣୁ, ଏହା ବିଚାର କରିବା କଷ୍ଟକର ଯେ ଏହି ନ୍ୟାୟାଳୟ ସେହି ସମ୍ପର୍କୀୟମାନଙ୍କର ସହ-ଅଂଶୀଦାର ହୋଇଥିଲେ ମଧ୍ୟ ସେମାନଙ୍କର ଅଗ୍ରକ୍ରୟର ଅଧିକାରକୁ ପ୍ରତ୍ୟାଖ୍ୟାନ କରିବାକୁ ଚାହୁଁଥିଲେ । ତାହା ସ୍ପଷ୍ଟ ଭାବେ ପକ୍ଷପାତ ହେବ " ।

ଏହି ନ୍ୟାୟାଳୟଙ୍କ ଦ୍ୱାରା ଉପରୋକ୍ତ ଆଇନ ଘୋଷଣାକୁ ଦୃଷ୍ଟିରେ ରଖି, ବର୍ତ୍ତମାନ ଏହା ସିଦ୍ଧାନ୍ତରେ ପହଞ୍ଚିଛି ଯେ ଯେଉଁ ସମ୍ପର୍କଗୁଡ଼ିକ ଅଧିନିୟମର ଧାରା 15 (1) (b)ର ଖଣ୍ଡ (i) ରୁ (iii) ଗୁଡିକ ଅନୁଯାୟୀ ହକଦାର ନୁହଁନ୍ତି, ସେମାନେ ମଧ୍ୟ ଖଣ୍ଡର ଚତୁର୍ଥ ଭାଗ ଅନୁଯାୟୀ 'ସହ-ଅଂଶୀଦାର' ହେବେ । ମିଳିତ ସମ୍ପତ୍ତିର ବିକ୍ରୟ କାରବାରର ଏକ ପକ୍ଷ ନହେବାରୁ, ସେମାନେ ଅଗ୍ରକ୍ରୟ ଦାବି କରିବାର ଅଧିକାର ପାଇପାରିବେ । ଏହା ବିବାଦରେ ନାହିଁ, ଯେପରି ପୂର୍ବରୁ କୁହାଯାଇଛି, ଯେ ଉତ୍ତରଦାତା ଅନିଲ କୁମାର ତାଙ୍କ ଭଉଣୀ ନୀରୁଙ୍କ ଦ୍ୱାରା କରାଯାଇଥିବା ବିକ୍ରୟ କାରବାରରେ ପକ୍ଷ ନଥିଲେ । ତେଣୁ, ସେ ଅଧିନିୟମର ଧାରା 15ର ଉପ-ଧାରା (1) (b) ର ଖଣ୍ଡର ଚତୁର୍ଥଭାଗରେ ଅନ୍ୟ ସହ-ଅଂଶୀଦାର ହେବେ । ଫଳସ୍ୱରୂପ, ସେ ଅଗ୍ରକ୍ରୟ ପାଇବାକୁ ହକଦାର । ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଶ୍ରୀ କେ. କେ. ମୋହନ ଯୁକ୍ତି କରିଥିଲେ ଯେ ଉତ୍ତରଦାତା ଅନୀଲ କୁମାର ଜଣେ ସହ-ଅଂଶୀଦାର ବୋଲି ଦର୍ଶାଇବା ପାଇଁ କୌଣସି ପ୍ରମାଣ ନାହିଁ । ଅନ୍ୟପକ୍ଷରେ, ବିକ୍ରୟ ଦଲିଲରେ ଥିବା ବିବରଣୀ ଦର୍ଶାଉଛି ଯେ ଏକ ପୂର୍ବ ବିଭାଜନ ଥିଲା ଯାହା ଅଧୀନରେ ନୀରୁ ତାଙ୍କ ଅଂଶ ପାଇଁ ବିକ୍ରୟ ଅଧୀନରେ ଥିବା ସମ୍ପତ୍ତି ହାସଲ କରିଥିଲେ ଏବଂ ତେଣୁ, ଅନିଲ କୁମାରଙ୍କୁ ସହ-ଅଂଶୀଦାର ବୋଲି କୁହାଯାଇପାରିବ ନାହିଁ । ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଆମ ସମ୍ମୁଖରେ 1974-75 ବର୍ଷର ଏକ ଦସ୍ତାବିଜ ଉପସ୍ଥାପନ କରିଛନ୍ତି, ଯାହା ବିଚାରଣ ନ୍ୟାୟାଳୟରେ ପୂର୍ବରୁ ଚିହ୍ନିତ ହୋଇଥିଲା ଯାହା ଦର୍ଶାଇବ ଯେ ସେମାନେ ସହ-ମାଲିକ ଅଟନ୍ତି । ଏହି ଦୃଷ୍ଟିକୋଣରୁ, ଆମେ ଭାବୁନାହୁଁ ଯେ ଅଧିକ ପ୍ରମାଣ ପାଇଁ ମାମଲାଟିକୁ ପଠାଇବା ଯଥାର୍ଥ ହେବ ।

ସେହି ଅନୁଯାୟୀ ଆବେଦନଟିକୁ ବିଭିନ୍ନ କାରଣରୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏ. ଜି. ଆବେଦନ ଖାରଜ ହେଲା ।

## **ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।